ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

International Convention on Millets
BHUBANESWAR, ODISHA | 9TH & 10TH NOV 2023

News ID-IPR/AgFE (Od)/1229/10-11-2023

# ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ-୨୦୨୩

## ମାଣ୍ଡିଆ ଓ ଓଡ଼ିଶାର ସମ୍ପର୍କ ବହୁ ପୁରାତନ

## ପୁଷ୍ଟିଶସ୍ୟ ପ୍ରସାରରେ ଏସ୍ଏଚ୍ଜି ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## କଫିଟେବୁଲ୍ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୧୦/୧୧/୨୦୨୩

ଅନେକ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ପରିବାର ପାଇଁ ପୁଷ୍ଟିଶସ୍ୟ ମାଣ୍ଡିଆ ବିବିଧତା, ପୁଷ୍ଟିରେ ସୁରକ୍ଷା ଓ ପୋଷଣୀୟ ବିକାଶ ଓ ଅଭିବୃଦ୍ଧି ଆଣିଥାଏ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ଓଡ଼ିଶା ମିଲେଟସ ମିଶନ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ମହାସଙ୍ଘକୁ ମାଣ୍ଡିଆ ପ୍ରକ୍ରିୟାକରଣ ଉଦ୍ୟୋଗ ଓ ମୂଲ୍ୟଯୁକ୍ତ ୟୁନିଟ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହିତ କରାଯାଉଛି ।

ଓଡ଼ିଶାରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ମାଣ୍ଡିଆ ଉଦ୍ୟୋଗର ପ୍ରଚାର ଓ ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଏହି ଉଦ୍ୟୋଗୀ ମହିଳାମାନେ ମାଣ୍ଡିଆକୁ ଏକ ପୋଷଣୀୟ ଓ ପୁଷ୍ଟିକର ଖାଦ୍ୟ ଉତ୍ସ ଭାବେ ବ୍ୟବହାର କରି ଗ୍ରାମାଞ୍ଚଳ ଜୀବିକା ସହ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ହିତସାଧନ କରିପାରିଛନ୍ତି । ମାଣ୍ଡିଆ ଉତ୍ପାଦନ ଓ ମୂଲ୍ୟଯୁକ୍ତ କରିବା ଦିଗରେ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କୁ ନିଯୋଜିତ କରାଯାଇଛି । ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଦ୍ୱାରା ମାଣ୍ଡିଆ ଚାଷର ଆଧୁନିକ ଓ ପୋଷଣୀୟ ଚାଷ ପ୍ରଣାଳୀ ଅନୁସୃତ ହୋଇପାରିଛି । ମିଶନ ଶକ୍ତି ଓ ଓଡ଼ିଶା ମିଲେଟସ ମିଶନର ଯୁଗ୍ମ ଉଦ୍ୟମରେ ମିଲେଟ ଆଧାରିତ ଉତ୍ପାଦର ପ୍ରକ୍ରିୟାକରଣ ଓ ବିପଣନକୁ ଉତ୍ସାହିତ କରାଯିବା ଦ୍ୱାରା ମା'ମାନଙ୍କର ଆର୍ଥିକ ଉନ୍ନତି ସମ୍ଭବପର ହୋଇପାରିଛି ।

ମିଲେଟ ଶକ୍ତି କାଫେ, ଆଉଟଲେଟ, ଟିଫିନ ସେଣ୍ଟର, ମିଲେଟ ଅନ ହୁଇଲସ୍ ଆଦି ସ୍ଥାପନ ଦ୍ୱାରା ମା'ମାନେ ମିଲେଟ ମୂଲ୍ୟ ଶୃଙ୍ଖଳରେ ସକ୍ରିୟ ଅଂଶୀଦାର ହୋଇ କ୍ଷମତାପନ୍ନ ହୋଇପାରିଛନ୍ତି । ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ କେବଳ ଆର୍ଥିକ ସୁଯୋଗକୁ ବୃଦ୍ଧି କରିନାହାନ୍ତି ବରଂ ଖାଦ୍ୟ ସୁରକ୍ଷା, ଉନ୍ନତ ପୋଷଣ ଓ ରାଜ୍ୟରେ ପୋଷଣୀୟ କୃଷି କୁ ତ୍ୱରାନ୍ୱିତ କରି ସମଗ୍ର ଅଞ୍ଚଳରେ ମାଣ୍ଡିଆ ଉଦ୍ୟୋଗକୁ ଏକ ଆଦର୍ଶ ଉଦ୍ୟୋଗରେ ପରିଣିତ କରିପାରିଛନ୍ତି ।

ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଅନୁଷ୍ଠିତ ଆନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀର ଦ୍ୱିତୀୟ ଦିବସରେ (ନଭେମ୍ବର ଦଶ)ରେ ମିଶନ ଶକ୍ତି ବିଭାଗ ଆନୁକୁଲ୍ୟରେ ମାଣ୍ଡିଆ ଚାଷର ଗୁରୁତ୍ୱ ଓ ପ୍ରୋତ୍ସାହନ ଉପରେ ଏକ ଆଲୋଚନାଚକ୍ର, ଭିଡିଓ ପ୍ରଦର୍ଶନ, ତିରିଶଟି ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧନା ଏବଂ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ଉଦ୍ବୋଧନ ଆଦି ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥିମାନେ ସେମାନଙ୍କ ଜ୍ଞାନ ଓ ଅନୁଭୂତି ବାଣ୍ଟିବା ସହ ମାଣ୍ଡିଆ ଆଧାରିତ ଉଦ୍ୟୋଗ ଗୁଡିକରେ ମହିଳାମାନଙ୍କ କୃତିତ୍ୱ ଓ ସଫଳତା ସମ୍ବନ୍ଧରେ ଆଲୋଚନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟର ବିକାଶରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ଅବଦାନ ଉଲ୍ଲେଖଯୋଗ୍ୟ ଏବଂ ମାଣ୍ଡିଆ ଚାଷର ପ୍ରସାରରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ । ମିଶନ ଶକ୍ତି ବିଭାଗର କମିଶନର ତଥା

ଶାସନ ସଚିବ ଶ୍ରୀମତୀ ସୁଜାତା କାର୍ତ୍ତିକେୟନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ କିପରି ସଫଳ ମାଣ୍ଡିଆ ଉଦ୍ୟୋଗୀ ରୂପେ ପ୍ରତିଷ୍ଠିତ ହୋଇଛନ୍ତି ସେ ସମ୍ବନ୍ଧରେ ଭିଡିଓ ପ୍ରଦର୍ଶନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ 'ଫାର୍ମ ଟୁ ପ୍ଲେଟ' ଶୀର୍ଷକ କଫି ଟେବଲ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହି ପୁସ୍ତକରେ ମାଣ୍ଡିଆ ମୂଲ୍ୟ ଶୃଙ୍ଖଳରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହିଳା ଓ ୩୦ଟି ଉଲ୍ଲେଖନୀୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପ୍ରେରଣଦାୟୀ କାହାଣୀକୁ ସ୍ଥାନ ଦିଆଯାଇଛି । ଏହି ମହିଳାମାନେ ମାଣ୍ଡିଆ ଆଧାରିତ ଉଦ୍ୟୋଗଗୁଡିକୁ ଉତ୍ସାହିତ କରି ଅଗଣିତ ମହିଳାମାନଙ୍କ ଜୀବନଜୀବିକାରେ ଉନ୍ନତି ଆଣିବାରେ ସହାୟକ ହୋଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା ସିଙ୍ଗାପୁର ପରିଷଦର ବରିଷ୍ଠ ପରାମର୍ଶଦାତା ତଥା ଆଇଟିଇ ଏଜୁକେଶନ ସର୍ଭିସ ପ୍ରାଇଭେଟ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିଷ୍ଟର ବ୍ରୁସ ପୋ, ସେଣ୍ଟର ଅଫ ଏକ୍ସଲେନ୍ସ ମିଲେଟସ୍ ପେହେଲେ ଇଣ୍ଡିଆର ନିର୍ଦ୍ଦେଶକ ଶ୍ରୀମତୀ ଶର୍ମିଳା ଓଶ୍ୱାଲ, ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧକ୍ଷା ଶ୍ରୀମତୀ ଅଳକା ମିଶ୍ର, କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗ ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ସୁନ୍ଦରଗଡ଼ର ଦିବ୍ୟଜ୍ୟୋତି ଏସଏଚଜି ଅଧକ୍ଷା ଶ୍ରୀମତୀ ପ୍ରେମା ଦାସ, କୋରାପୁଟ ବାମନଦେଇ କୃଷକ ଉତ୍ପାଦନ ସଂଗଠନର ନିର୍ଦ୍ଦେଶକ ଶ୍ରୀମତୀ ରାଇମତି ଘୁରିଆଙ୍କ ସମେତ ୧୫୦୦ରୁ ଉର୍ଦ୍ଧ୍ୱ ମିଶନ ଶକ୍ତି ଏସଏଚଜି ସଦସ୍ୟାମାନେ ଉପସ୍ଥିତ ଥିଲେ ।

ତନୁଜା ମହାନ୍ତି
ସୂଚନା ଅଧିକାରୀ